# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**5 August – 2026**

**********************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ବ୍ୟାଙ୍କର୍ସ ବୁକ୍ ଏଭିଡେନ୍ସ ବିଧେୟକ ୨୦୨୬ ପାରିତ
- ତିନିଦିନିଆ ଓଡ଼ିଶା ଗସ୍ତ ଶେଷ କରି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କଲେ ରାଷ୍ଟ୍ରପତି
- ଭୁବନେଶ୍ୱରରେ ଆଜିଠାରୁ ଆରମ୍ଭ ହେଉଛି ବ୍ରିକ୍ସ ଶିକ୍ଷାମନ୍ତ୍ରୀଙ୍କ ତ୍ରୟୋଦଶ ବୈଠକ
- ରେପୋ ରେଟ୍‌କୁ ୫ ଦଶମିକ ୨/୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଲା ଭାରତୀୟ ରିଜର୍ଭ ବ୍ୟାଙ୍କ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷା ସମ୍ଭାବନା

# ଆର୍‌ଏସ୍ ଆଡଜର୍ଣ୍ଣ

ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନର କାର୍ଯ୍ୟ ଆଜି ମଧ୍ୟ ବାଧାପ୍ରାପ୍ତ ହୋଇଛି ।

ଲୋକସଭାରେ ଆଜି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବ୍ୟାଙ୍କର୍ସ ବୁକ୍ ଏଭିଡେନ୍ସ ବିଧେୟକ-୨୦୨୬ ଆଗତ କରିଥିଲେ। ଆଲୋଚନାପରେ ବିଧେୟକଟି ଗୃହରେ ପାରିତ ହୋଇଯାଇଛି। ବିଧେୟକରେ ବ୍ୟାଙ୍କର୍ସ ବୁକ୍ସ ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ୍ ସମ୍ବନ୍ଧୀୟ ବିଭିନ୍ନ ଆଇନ ସମ୍ପର୍କିତ ବ୍ୟବସ୍ଥା ରହିଛି। ପରେ ଲୋକସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି।

ପୂର୍ବାହ୍ନ ୧୧ଟାରେ ରାଜ୍ୟସଭାର ଅଧିବେଶନ ଆରମ୍ଭ ହେବା କ୍ଷଣି ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ ଶୂନ୍ୟକାଳ ଆରମ୍ଭ କରିଥିଲେ । ବିଜେପିର ସତପାଲ ଶର୍ମା ଧାରା ୩୭୦ ଉଚ୍ଛେଦ ଉପରେ ଗୃହରେ ମତ ଉପସ୍ଥାପନ କରିଥିଲେ । ତେବେ ଆଲୋଚନାକାଳରେ ହଟ୍ଟଗୋଳ ଜାରି ରହିବାରୁ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । ୧୨ଟାରେ ଅଧିବେଶନ ଆରମ୍ଭ ହେବା ପରେ ପୁନଶ୍ଚ ପ୍ରଶ୍ନକାଳ ଅବସରରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଗାଡ଼ି ଚାଳନା ତାଲିମ ସ୍କୁଲ୍ ପ୍ରତିଷ୍ଠା ସଂପର୍କରେ ସୂଚନା ଦେଇଥିଲେ ।ତେବେ ବିରୋଧୀଙ୍କ ହଟ୍ଟଗୋଳ ଜାରି

ରହିବାରୁ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା। ବର୍ତ୍ତମାନ ଗୃହରେ ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ସଂଶୋଧନ ବିଧେୟକ–୨୦୨୬ ଉପରେ ଆଲୋଚନା ଜାରି ରହିଛି।

Ganjam

## ରାଷ୍ଟ୍ରପତି– ସ୍ୱତନ୍ତ୍ର ଟ୍ରେନ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତିନିଦିନିଆ ଓଡ଼ିଶା ଗସ୍ତ ଶେଷ କରି ଆଜି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗସ୍ତ ଅବସରରେ ରାଷ୍ଟ୍ରପତି କଟକ ଓ ଗଞ୍ଜାମ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଷ୍ଟ୍ରପତି ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗଞ୍ଜାମ ଗସ୍ତ କରି ତପ୍ତପାଣିଠାରେ ମା’ କନ୍ଧୁଣୀଦେବୀ ଓ ଶିବଙ୍କ ପୂଜାର୍ଚ୍ଚନା କରିଥିଲେ। ସକାଳ ସମୟରେ ରାଷ୍ଟ୍ରପତି ଗୋପାଳପୁର ନିକଟବର୍ତ୍ତୀ ଧବଳେଶ୍ୱର ଶୈବପୀଠ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଗଞ୍ଜାମ ଗସ୍ତ ଶେଷ କରି ସକାଳ ୧୦ଟା ୨୦ ମିନିଟ୍‌ରେ ରାଷ୍ଟ୍ରପତି ବ୍ରହ୍ମପୁର ରେଳଷ୍ଟେସନ୍‌ରୁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଭୁବନେଶ୍ୱରରେ ଆସି ପହଁଞ୍ଚିଥିଲେ। ପରେ ବାୟୁସେନା ବିମାନ ଯୋଗେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି।

Desk

## ବ୍ରିକ୍ସ - ଶିକ୍ଷାମନ୍ତ୍ରୀ ବୈଠକ

ଭାରତ ଚଳିତ ବର୍ଷ ବ୍ରିକ୍ସ ରାଷ୍ଟ୍ର ଗୋଷ୍ଠୀର ଅଧ୍ୟକ୍ଷତା କରୁଛି। ଏହି କ୍ରମରେ ଆଜିଠାରୁ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ବ୍ରିକ୍ସ ଶିକ୍ଷା

ମନ୍ତ୍ରୀମାନଙ୍କ ତ୍ରୟୋଦଶ ବୈଠକ ଅନୁଷ୍ଠିତ ହେଉଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ୧୧ଟି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ୮ ଜଣ ଶିକ୍ଷାମନ୍ତ୍ରୀ ଓ ୪୦ ଜଣ ବରିଷ୍ଠ ପଦାଧିକାରୀଙ୍କ ସମେତ ୨ ଶହରୁ ଅଧିକ ପ୍ରତିନିଧି ଏଥିରେ ଅଂଶଗ୍ରହଣ କରୁଛନ୍ତି । ଆସନ୍ତାକାଲି ସଦସ୍ୟ ରାଷ୍ଟ୍ରସମୂହର ଶିକ୍ଷାମନ୍ତ୍ରୀ ଓ ବରିଷ୍ଠ ପଦାଧିକାରୀମାନେ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ଦିଗ ଉପରେ ଆଲୋଚନା କରିବେ ।  ଏହି ବୈଠକଗୁଡ଼ିକରେ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷାକୁ ସୁଦୃଢ଼ କରିବା ଏବଂ ବ୍ରିକ୍ସ ଟି.ଭି.ଇ.ଟି. ସଂଘ ଅଧୀନରେ ଦକ୍ଷତା ବିକାଶ ଓ ବର୍ଦ୍ଧିତ ସହଯୋଗକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦିଆଯିବ। ସେହିପରି ସହଯୋଗୀ ଗବେଷଣା, ଉଦ୍ଭାବନ ଓ ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହନ, ଯୋଗ୍ୟତାର ଆପୋଷ ଚିହ୍ନଟକୁ ସୁଦୃଢ଼ କରିବା ଏବଂ ଶୈକ୍ଷିକ ନେତୃତ୍ୱ ପାଇଁ କ୍ଷମତା ନିର୍ମାଣ ବିଷୟରେ ମଧ୍ୟ ବିଚାର ବିମର୍ଶ କରାଯିବ ବୋଲି ଜଣାପଡ଼ିଛି।

English Pool

# ଆର୍ଟିକିଲ୍ ୩୭୦

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଆଜି ୭ ବର୍ଷ ପୂରଣ ହୋଇଛି । ୨୦୧୯ ଆଜିର ଦିନରେ ଜାମ୍ମୁ କାଶ୍ମୀର ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତା ଦେଉଥିବା ଅନୁଚ୍ଛେଦ ୩୭୦ ବ୍ୟବସ୍ଥାକୁ ସଂସଦ ଦ୍ୱାରା ଉଚ୍ଛେଦ କରାଯାଇଥିଲା । ପୂର୍ବରୁ ଅନୁଚ୍ଛେଦ ୩୭୦ରେ ଉଲ୍ଲିଖିତ ବ୍ୟବସ୍ଥା ଅନୁଯାୟୀ, ଜାମ୍ମୁ କାଶ୍ମୀର ଦେଶର ଏକମାତ୍ର ରାଜ୍ୟ ଥିଲା, ଯାହାର ଏକ

ପୃଥକ ସମ୍ବିଧାନ ରହି ଆସିଥିଲା । ଏହା ଏକ ଅସ୍ଥାୟୀ ବ୍ୟବସ୍ଥା ଥିଲା, ଯାହା ରାଜ୍ୟକୁ ସ୍ୱତନ୍ତ୍ର ସ୍ୱାୟତ୍ତ ଶାସନ କ୍ଷମତା ପ୍ରଦାନ କରୁଥିଲା । ଅନୁଚ୍ଛେଦ ୩୭୦ ପ୍ରତ୍ୟାହାର ହେବା ପରେ ସମସ୍ତ କେନ୍ଦ୍ରୀୟ ଆଇନ ଏବଂ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସେଠାରେ ଲାଗୁ ହୋଇଛି । ଏହି ନିଷ୍ପତ୍ତି ସଂପୃକ୍ତ ଅଞ୍ଚଳରେ ପୁଞ୍ଜି ନିବେଶକୁ ଆକର୍ଷିତ କରିବା ସହ ସେଠାରେ  ବିକାଶର ସମ୍ଭାବନା ବୃଦ୍ଧି କରିଛି। ଜାମ୍ମୁ-କାଶ୍ମୀରରେ ୧୦୦ ପ୍ରତିଶତ ରେଳ ବିଦ୍ୟୁତକରଣ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି। ଫଳରେ ରାଜ୍ୟରେ ସ୍ୱଚ୍ଛ ପରିବେଶ ଅନୁକୂଳ ଓ ଦ୍ରୁତ ରେଳ ନେଟ୍‌ୱର୍କ ଗଠନ ସମ୍ଭବ ହୋଇଛି। ଯାହା ଯାତ୍ରୀ ସୁବିଧା ଓ ସଂଯୋଗକୁ ଅଧିକ ସୁଦୃଢ଼ କରିଛି। ଏହି ସମୟ ମଧ୍ୟରେ ୯ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଆତ୍ମନିର୍ଭର ହୋଇପାରିଛନ୍ତି। ଚେନ୍ନାବ ରେଳସେତୁ କାଶ୍ମୀର ଉପତ୍ୟକାକୁ ଭାରତୀୟ ରେଳ ନେଟୱର୍କ ସହ ସଂଯୋଗ କରିବା ଏକ ଐତିହାସିକ ସଫଳତା ଭାବେ ପରିଗଣିତ ହୋଇଛି। ଜାମ୍ମୁ–କାଶ୍ମୀରରେ ବର୍ତ୍ତମାନ ୮୦ ହଜାର କୋଟି ଟଙ୍କାର ବିକାଶମୂଳକ ପ୍ରକଳ୍ପ ଜାରି ରହିଛି। ୨୦୨୪ ମସିହାରେ ଏଠାକୁ ୨ କୋଟିରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସିଥିବା ଜଣାପଡ଼ିଛି। ଅଧିକ ପୁଞ୍ଜି ନିବେଶ ଯୋଗୁଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି ଏବଂ  ଅଞ୍ଚଳର ସାମାଜିକ, ଅର୍ଥନୈତିକ ଭିତ୍ତିଭୂମି ସୁଦୃଢ଼ ମଧ୍ୟ ହୋଇଛି ।

English Pool

# ଆରବିଆଇ ଗଭର୍ଣ୍ଣର

ଭାରତୀୟ ରିଜର୍ଭ ବ୍ୟାଙ୍କ-ଆରବିଆଇ ଆଜି ରେପୋରେଟ୍‌କୁ ୫ ଦଶମିକ ୨/୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି । ମୁଦ୍ରାନୀତି କମିଟି-ଏମ୍‌ପିସିର ନିଷ୍ପତ୍ତି ବିଷୟରେ ଘୋଷଣା କରି ଆରବିଆଇ ଗଭର୍ଣ୍ଣର ସଂଜୟ ମାଲହୋତ୍ରା କହିଛନ୍ତି, ଦେଶର ଚାହିଦା ଅନୁଯାୟୀ ଅର୍ଥନୈତିକ ଅଭିବୃଦ୍ଧି ଦ୍ରୁତଗତିରେ ବଢ଼ିବାରେ ଲାଗିଛି । ଚଳିତ ଆର୍ଥିକବର୍ଷର ଏପ୍ରିଲ୍-ଜୁନ୍ ତ୍ରୈମାସିକରେ ଦେଶର ଅର୍ଥନୀତି ଆଶାଠାରୁ ଅଧିକ ଭଲ ପ୍ରଦର୍ଶନ କରିଛି । ପଶ୍ଚିମ ଏସିଆର ବିବାଦ ପ୍ରମୁଖ ବାଣିଜ୍ୟ ମାର୍ଗଗୁଡ଼ିକୁ ବ୍ୟାହତ କରି ବିଶ୍ୱ ଅର୍ଥନୀତି ପାଇଁ ଆହ୍ୱାନ ସୃଷ୍ଟି କରିଛି । ଆରବିଆଇ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଖାଉଟି ମୂଲ୍ୟ ସୂଚକାଙ୍କ ମୁଦ୍ରାସ୍ଫୀତି ପୂର୍ବରୁ ଦର୍ଶାଯାଇଥିବା ୫ଦଶମିକ ୧ ପ୍ରତିଶତ ଆକଳନରୁ ୫ ପ୍ରତିଶତକୁ ହ୍ରାସ ପାଇଛି  ବୋଲି ଶ୍ରୀ ମାଲହୋତ୍ରା କହିଛନ୍ତି ।

Bhadrak

## ବନ୍ୟାଞ୍ଚଳ ପରିଦର୍ଶନ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଭଦ୍ରକ ଜିଲ୍ଲାର ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଶ୍ରୀମତୀ ପରିଡ଼ା ସମୀକ୍ଷା ବୈଠକରେ ଯୋଗଦେଇ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହିତ ବନ୍ୟା କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରି କହିଛନ୍ତି, ପ୍ରଭାବିତ ଲୋକଙ୍କୁ ଖୁବ୍‌ଶୀଘ୍ର ସରକାରୀ ସହାୟତା ଯୋଗାଇ ଦିଆଯିବ।  ପ୍ରଭାବିତ ଅଞ୍ଚଳରେ ପାନୀୟଜଳ, ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା, ନଳକୂପ ବିଶୋଧନ

କାର୍ଯ୍ୟ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

**- V/O -**

ଏହା ପୂର୍ବରୁ ତିହିଡ଼ି ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଏବଂ ବାରସର ପଞ୍ଚାୟତର ବିପନ୍ନ ଲୋକ ଓ ଚାଷୀମାନଙ୍କ ସହ ଉପମୁଖ୍ୟମନ୍ତ୍ରୀ ବାର୍ତ୍ତାଳାପ କରିଥିଲେ। ଚଳିତ ବନ୍ୟାରେ ଧାମନଗର, ଭଣ୍ଡାରୀପୋଖରୀ, ତିହିଡ଼ି, ଚାନ୍ଦବାଲି ସମେତ ୬ଟି ବ୍ଲକର ୧୨୬ଟି ଗ୍ରାମ ପଞ୍ଚାୟତର ୫ ଲକ୍ଷ ୪୬ ହଜାର ୯୨୩ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ଜିଲ୍ଲାରେ ୨ ଲକ୍ଷ ୨୬ ହଜାର ୫୩୦ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ୩୪୬ଟି ଆଶ୍ରୟସ୍ଥଳରେ ରଖାଯାଇଥିଲା।

Kendujhar

# ବନ୍ୟା କ୍ଷୟକ୍ଷତି ସମୀକ୍ଷା

କେନ୍ଦୁଝର ଜିଲ୍ଲାରେ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତି ଓ ପୁନରୁଦ୍ଧାର ପରିଚାଳନା ସମ୍ପର୍କରେ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ଆଜି ସମୀକ୍ଷା କରିଛନ୍ତି। ପ୍ରଭାବିତ ଅଞ୍ଚଳରେ ରାସ୍ତା ସଂଯୋଗୀକରଣର ପୁନରୁଦ୍ଧାର, ଜଳଯୋଗାଣ ବ୍ୟବସ୍ଥାର ମରାମତି, ଜରୁରୀକାଳୀନ ମୁକାବିଲା ଦଳ ମୁତୟନ, ରିଲିଫ ବଣ୍ଟନ ଆଦି ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ଅଧିକାରୀମାନେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଜିଲ୍ଲାରେ ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ

ନିରନ୍ତର ଦୃଷ୍ଟି ରଖିବା ଏବଂ ପ୍ରଭାବିତ ଲୋକଙ୍କୁ ସଠିକ୍ ସମୟରେ ସହାୟତା ଯୋଗାଇ ଦେବାକୁ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି।

Desk

# ନିଟ୍ କାଉନ୍ସେଲିଂ

ନିଟ୍ ୟୁଜି ପ୍ରଥମ ପର୍ଯ୍ୟାୟ ନାମଲେଖା ନିମନ୍ତେ ପଞ୍ଜୀକରଣ ଆଜିଠାରୁ ଆରମ୍ଭ ହୋଇଛି । ଆସନ୍ତା ୧୨ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏହା ଜାରି ରହିବ । ଏଥିରେ ମନୋନୀତ ଛାତ୍ରଛାତ୍ରୀ ପଞ୍ଜୀକରଣ ସହ ଦେୟ ପ୍ରଦାନ କରିବେ । ଆସନ୍ତାକାଲିଠାରୁ ୧୩ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଚଏସ୍ ଲକିଙ୍ଗ୍ର ସମୟସୀମା ଧାର୍ଯ୍ୟ କରାଯାଇଛି । ସହଜ ତଥା ସୁଗମ ପଞ୍ଜୀକରଣ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ପରାମର୍ଶ ଆଧାରିତ ଭିଡ଼ିଓ ମେଡ଼ିକାଲ କାଉନ୍ସେଲିଂ କମିଟିର ୱେବ୍ସାଇଟ୍ରେ ଉପଲବ୍ଧ ହେଉଛି ।

Subarnpur

# ଯୁବ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର ଜିଲ୍ଲାର ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଯୁବ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ନିଶାମୁକ୍ତ ସମାଜ ଗଠନ ଏବଂ ବିକଶିତ ଭାରତ ନିର୍ମାଣରେ ଯୁବବର୍ଗଙ୍କ ଭୂମିକା ଓ ସଂକଳ୍ପର ଗୁରୁତ୍ୱ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଛନ୍ତି।

Boudh

# ସଚେତନତା କାର୍ଯ୍ୟକ୍ରମ

ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମହେଶ୍ୱର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ନବଜାତ ଶିଶୁର ସୁସ୍ଥ ବିକାଶ ପାଇଁ ପ୍ରଥମ ୬ ମାସ କେବଳ ମା'ର କ୍ଷୀର ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଛନ୍ତି।

Boudh

## ନିଶାମୁକ୍ତି ସଚେତନତା ସଭା

ବୌଦ୍ଧସ୍ଥିତ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଶାମୁକ୍ତି ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୌଦ୍ଧକୁ ନିଶାମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ସାମୂହିକ ଉଦ୍ୟମ କରିବାକୁ ଆହ୍ୱାନ କରିଥିଲେ।

Desk

## ଖରିଫ ଋତୁ ପଞ୍ଜୀକରଣ ବୃଦ୍ଧି

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚଳିତ ଖରିଫ ଋତୁ ପାଇଁ ପଞ୍ଜୀକରଣ ଅବଧିକୁ ସରକାର ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ଅବଧି ଗତ ୩୧ ତାରିଖରେ ଶେଷ ହେଉଥିଲା। ବିଜ୍ଞପ୍ତିତ ଅଞ୍ଚଳରେ ଚାଷ ହୋଇଥିବା ଧାନ, ମକା, ଚିନାବାଦାମ, ମାଣ୍ଡିଆ ଆଦି ୮ଟି ଫସଲକୁ ବୀମାଭୁକ୍ତ କରାଯାଇପାରିବ। ଏଥିସହ ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀମାନେ କ୍ଷତିପୂରଣ ପାଇପାରିବେ। ଭାଗଚାଷୀମାନେ ମଧ୍ୟ ନିର୍ଦ୍ଧାରିତ ଫର୍ମ ପୂରଣ

କରି ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜୀକରଣ କରିପାରିବେ। ଏହି ପଞ୍ଜୀକରଣ ପାଇଁ ଆଧାରକାର୍ଡ ବାଧ୍ୟତାମୂଳକ ଅଟେ। ଜଣେ ଚାଷୀ ସର୍ବାଧିକ ୫ ଏକର ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜୀକରଣ ବିନା କୌଣସି ଦେୟରେ  କରିପାରିବେ।

Desk

# ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଆନ୍ଧ୍ରପ୍ରଦେଶ ଉପକୂଳ ମଧ୍ୟବର୍ତ୍ତୀ ବାୟୁମଣ୍ଡଳର ଉପରିଭାଗରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୬ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର କେତେକ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର, ଗଞ୍ଜାମ, ଗଜପତି ଆଦି କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ରାଜ୍ୟରେ ବନ୍ୟା ସ୍ଥିତିରେ ସୁଧାର ଆସିଥିବା ବେଳେ ଆଜି ପ୍ରାୟ ସମସ୍ତ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି ।